# NATIONAL NEWS BULLETIN (ODIA)

## 3 December - 2024

## Morning Bulletin : 7.15 a.m.

**************************************

## ମୁଖ୍ୟ ସମ୍ବାଦ

- ଭିନ୍ନକ୍ଷମ ସଶକ୍ତିକରଣ ଦିଗରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନକୁ ଆଜି ଜାତୀୟ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।
- ଚଣ୍ଡିଗଡ଼ ଗସ୍ତରେ ଯାଇ ଆଜି ପ୍ରଧାନମନ୍ତ୍ରୀ ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ କରିବେ ସମୀକ୍ଷା ।
- ବିହାରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପଦବୀ ପୁରଣ ପାଇଁ ହୋଇଥିବା ନିଯୁକ୍ତି ପରୀକ୍ଷା ବାତିଲ ।
- ପାକିସ୍ତାନ ତେହେରିକ୍-ଇ-ଇନ୍‌ସାଫ୍ ଦଳର ନେତାଙ୍କୁ ମିଶାଇ ୯୩ ଜଣଙ୍କ ବିରୋଧରେ ଜାମିନ୍ ବିହନ ଗିରଫ୍ ପରୱାନା ଜାରି ।

ଏବଂ

- ପୁରୁଷ ହକି ଜୁନିୟର୍ ଏସିଆକପ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଆଜି ଭାରତ-ମାଲେସିଆ ମୁକାବିଲା ।

## ପ୍ରେଜ୍ ଆୱାର୍ଡସ

ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଆଜି ପାଳନ କରାଯାଉଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀ ଠାରେ ଏହି ଅବସରରେ ଭିନ୍ନକ୍ଷମ ସଶକ୍ତିକରଣ ଦିଗରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନକୁ ଜାତୀୟ ପୁରସ୍କାର ପ୍ରଦାନ କରିବେ ।

ଏ ସମ୍ପର୍କରେ ସୂଚନା ଦେଇ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର କହିଛନ୍ତି ମୋଟ୍ ୨୨ଜଣ ବ୍ୟକ୍ତି ଏବଂ ୧୧ଟି ଅନୁଷ୍ଠାନକୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଏହି ଅବସରରେ ଦିବ୍ୟାଙ୍ଗଙ୍କ ଜୀବନ ଅଧିକ ସମୃଦ୍ଧ କରିବା ଲକ୍ଷ୍ୟରେ ୧୬ଟି କଲ୍ୟାଣକାରୀ ପଦକ୍ଷେପର ରାଷ୍ଟ୍ରପତି ଶୁଭାରମ୍ଭ କରିବେ । ସେଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତିକରଣ, ଉଦ୍ଭାବନ, ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ଉପଯୋଗ ସଂକ୍ରାନ୍ତ ପଦକ୍ଷେପ ରହିଛି । ଏଭଳି ପଦକ୍ଷେପ ଦିବ୍ୟାଙ୍ଗଙ୍କ ସଶକ୍ତିକରଣ ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଭୁବନେଶ୍ୱର ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନୂତନ ପ୍ରତିମୂର୍ତ୍ତି

ଉନ୍ମୋଚନ କରିବା ସହିତ ଆଦିମ୍ ଓୱାର୍ ଜର୍ପା ଜାହେର୍ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବେ । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକୀ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବା ସହିତ ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୌସେନା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେବେ । ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବେର୍ତ୍ତନ ଉତ୍ସବରେ ଆସନ୍ତା ଗୁରୁବାର ରାଷ୍ଟ୍ରପତି ଯୋଗଦେବେ । ଭୁବନେଶ୍ୱରରେ ନୂତନ ଜୁଡିସିଆଲ୍ କୋର୍ଟ୍ କୋଠାକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ରାଇରଙ୍ଗପୁରରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଗ୍ରାମବାସୀଙ୍କ ସହ ମତବିନିମୟ କରିବେ । ବାଙ୍ଗିରିପୋଷି-ଗୋରୁମହିଶାଣୀ, ବୁରାମରା-ଚକୁଳିଆ ଏବଂ ବାଦାମ ପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର ଏବଂ ରାଇରଙ୍ଗପୁର ବିମାନ ବନ୍ଦର ଓ ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବେ ।

## ପିଏମ୍ ଭିଜିଟ୍ ଚଣ୍ଡିଗଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚଣ୍ଡିଗଡ଼ ଗସ୍ତରେ ଯିବେ । ଗତ ଜୁଲାଇ ପହିଲାରେ ଭାରତର ଅପରାଧିକ ନ୍ୟାୟିକ ବ୍ୟବସ୍ଥାକୁ ସୁସଂଘତ

କରିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହୋଇଥିବା ତିନୋଟି ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ ଶ୍ରୀ ମୋଦୀ ଏହି ଅବସରରେ ସମୀକ୍ଷା କରିବେ । ନୂତନ ଅପରାଧିକ ଆଇନ୍ ଗୁଡ଼ିକର କାର୍ଯ୍ୟକାରିତା ଦିଗରେ ପୁଲିସ୍ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯିବ । ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି 'ସୁରକ୍ଷିତ ସମାଜ, ବିକଶିତ ଭାରତ ଦଣ୍ଡରୁ ନ୍ୟାୟ ପର୍ଯ୍ୟାନ୍ତ' । ଏହି କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଯୋଗଦେବେ ।

## ଜୟଶଙ୍କର

ପୁଞ୍ଜିନିବେଶ ଏବଂ ଅନ୍ୟାନ୍ୟ ଅର୍ଥନୈତିକ କ୍ଷେତ୍ରରେ ନିଷ୍ପତ୍ତି ପାଇଁ ଜାତୀୟ ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗୁରୁତ୍ୱ ଦେଇଛନ୍ତି । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ସି.ଆଇ.ଆଇ. ସହଯୋଗୀ ଶିଖର ସମ୍ମିଳନୀକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଅର୍ଥନୈତିକ ନିଷ୍ପତ୍ତି ନେବା ବେଳେ ନୀତି ପ୍ରଣେତାଙ୍କୁ ଜାତୀୟ ନିରାପତ୍ତା ବ୍ୟବସ୍ଥା ଆଧାରରେ କାର୍ଯ୍ୟ କରିବା ଜରୁରୀ । ସେ କହିଛନ୍ତି, ବୈଶ୍ୱିକ ବାଣିଜ୍ୟ ଏବଂ ଯୋଗାଣ ଶୃଙ୍ଖଳା ନୀତିନିୟମ ପରିପ୍ରେକ୍ଷୀରେ ବାଣିଜ୍ୟ କାରବାର ସତର୍କତା ଅବଲମ୍ବନ ଗୁରୁତ୍ୱପୂର୍ଣ୍ଣ । ଅବିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ବିଶ୍ୱସ୍ତ

ଅଂଶିଦାରଙ୍କ ସହ ସହଯୋଗ ବୃଦ୍ଧି କରିବା ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱ ଦେଇଛନ୍ତି । ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଅବସରରେ ଭାରତ ଉପରେ ଏହାର ପ୍ରଭାବ ସମ୍ପର୍କରେ ମତ ଉପସ୍ଥାପନ କରିବାକୁ ଯାଇ ଡକ୍ଟର ଜୟଶଙ୍କର କହିଛନ୍ତି, ସମୟ ସହିତ ତାଳ ଦେଇ ଆମେରିକା ଓ ଭାରତ ମଧ୍ୟରେ ରଣନୈତିକ ସହଯୋଗ ଅଧିକ ସୁଦୃଢ଼ ହୋଇଛି ।

# ବିହାର ପରୀକ୍ଷା

ବିହାରରେ ୪ ହଜାର ୫୦୦ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପଦବୀ ପୁରଣ ପାଇଁ ହୋଇଥିବା ନିଯୁକ୍ତି ପରୀକ୍ଷାକୁ ବାତିଲ କରାଯାଇଛି । ଅନ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ ଅନୁଷ୍ଠିତ ଏହି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ଅଭିଯୋଗ ଆଧାରରେ ପରୀକ୍ଷାକୁ ବାତିଲ କରାଯାଇଥିବା ଜଣାପଡ଼ିଛି । ବିହାରର ରାଜ୍ୟ ସ୍ୱାସ୍ଥ୍ୟ ସମିତି କହିଛି, ପରୀକ୍ଷାର ପରବର୍ତ୍ତି ତାରିଖ ଖୁବ୍ ଶୀଘ୍ର ଘୋଷଣା କରାଯିବ ।

ସୂଚନା ଯୋଗ୍ୟ ପାଟନାର ୧୨ଟି ପରୀକ୍ଷା କେନ୍ଦ୍ରରେ ଗତ ଦୁଇ ଦିନ ଧରି ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପରୀକ୍ଷା ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ ପରେ ବିହାର ପୁଲିସ୍‌ର ଅର୍ଥନୈତିକ ଅପରାଧ ୟୁନିଟ୍ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଚଢ଼ାଉ କରିଥିଲା । ୟୁନିଟ୍‌ର

ଡି.ଆଇ.ଜି. ଏମ୍.ଏସ୍. ଧିଲୋଁ କହିଛନ୍ତି, ଏହି ମାମଲାରେ ୩୭ ଜଣଙ୍କୁ ଗିରଫ୍ କରାଯାଇଛି ।

## ପାକିସ୍ତାନ ଆରେଷ୍ଟ ଓ୍ୱାରେଣ୍ଟ

ପାକିସ୍ତାନର ଆତଙ୍କବାଦ ନିରୋଧି ଅଦାଲତ ଏ.ଟି.ସି. ପାକିସ୍ତାନ ତେହେରିକ୍-ଇ-ଇନ୍‌ସାଫ୍ ଦଳର ନେତାଙ୍କୁ ମିଶାଇ ୯୩ ଜଣଙ୍କ ବିରୋଧରେ ଜାମିନ୍ ବିହିନ ଗିରଫ୍ ପରଓ୍ୱାନା ଜାରି କରିଛି । ସେମାନଙ୍କ ମଧ୍ୟରେ ଦଳର ପ୍ରତିଷ୍ଠାତା ଇମ୍ରାନ୍ ଖାଁ ତାଙ୍କ ପତ୍ନୀ ବୁସ୍‌ରା ବିବି, ଖାଇବର ପଖ୍‌ତୁନ୍ ଖ୍ୱା ମୁଖ୍ୟମନ୍ତ୍ରୀ  ଅଲି ଅମିନ୍ ଗଣ୍ଡାପୁର ପ୍ରମୁଖ ଅଛନ୍ତି । ଇସଲାମାବାଦରେ ନିକଟରେ ହୋଇଥିବା ବିକ୍ଷୋଭ ସମୟରେ ହିଂସା ଏବଂ ଦଙ୍ଗା ଅଭିଯୋଗ ଆଧାରରେ ଏହି ଗିରଫ୍ ପରଓ୍ୱାନା ଜାରି କରାଯାଇଛି ।

ସୂଚନା ଯୋଗ୍ୟ ଦଳ ପକ୍ଷରୁ ଇମ୍ରାନ୍‌ଙ୍କ ମୁକ୍ତି ଏବଂ ବିଭିନ୍ନ ପ୍ରସଙ୍ଗ ନେଇ ସମ୍ପ୍ରତି ସଂଘଟିତ ବିକ୍ଷୋଭରେ ହିଂସାକାଣ୍ଡରେ ଜଣେ ପୁଲିସ୍ କର୍ମୀ ଏବଂ ତିନି ଜଣ ପାକିସ୍ତାନ ରେଞ୍ଜର୍ସ୍ ସଦସ୍ୟଙ୍କୁ ମିଶାଇ ୬ ଜଣଙ୍କର ମୃତ୍ୟୁ ଘଟିଥିଲା । ପାକିସ୍ତାନ ଆତଙ୍କବାଦ ନିରୋଧି ଆଇନ୍ ଏବଂ ଅନ୍ୟାନ୍ୟ ଆଇନ୍ ଆଧାରରେ ଜାମିନ୍ ବିହିନ ଗିରଫ୍ ପରଓ୍ୱାନା ଜାରି ପାଇଁ ପୁଲିସ୍ ପକ୍ଷରୁ ଆଗତ ମାମଲାକୁ ଏ.ଟି.ସି. ବିଚାରପତି ଗ୍ରହଣ କରିଛନ୍ତି ।

# ଫ୍ରାନ୍ସ-ନୋ କନ୍‌ଫିଡେନ୍ସ

ଫ୍ରାନ୍ସ ପ୍ରଧାନମନ୍ତ୍ରୀ ମିଚେଲ୍ ବାର୍ନିୟର୍ ସଂସଦରେ ଆସ୍ଥା ଭୋଟ୍‌ର ସମ୍ମୁଖୀନ ହୋଇଛନ୍ତି । ସାମାଜିକ ସୁରକ୍ଷା ବଜେଟ୍ ବିଲ୍ ପାରିତ ପାଇଁ ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରିପ୍ରେକ୍ଷୀରେ ଏହି ଅନାସ୍ଥାପ୍ରସ୍ତାବ ଆଗତ ହୋଇଛି । ଏହି ବିଲ୍‌କୁ ପାରିତ କରିବା ପାଇଁ ସଦସ୍ୟଙ୍କର ଭୋଟ୍ ନିଆଯିବ ନାହିଁ ବୋଲି ସେ କହିଛନ୍ତି । ଦକ୍ଷିଣ ପନ୍ଥୀ ଓ ବାମପନ୍ଥୀ ଦଳ ଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବରେ ସପକ୍ଷରେ ଭୋଟ୍ ଦେବେ ବୋଲି ଘୋଷଣା କରିଛନ୍ତି ।

ଅନ୍ୟ ପକ୍ଷରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ନ କରିବାକୁ ସଂଖ୍ୟାଲଘୁ ସରକାରର ନେତୃତ୍ୱ ନେଉଥିବା ପ୍ରଧାନମନ୍ତ୍ରୀ ବାର୍ନିୟର୍ ସଂସଦ ସଦସ୍ୟଙ୍କୁ ଅନୁରୋଧ କରିଛନ୍ତି ।

# ସିରିଆ ରିବେଲ୍ ଫୋର୍ସେସ୍

ସିରିଆର ଆଲେପ୍ପୋ ଏବଂ ଇଦ୍‌ଲିବ୍‌ର ଉତ୍ତରାଞ୍ଚଳରେ ବିଦ୍ରୋହୀ ଗୋଷ୍ଠୀ ବିପକ୍ଷରେ ସେନାର ଅଭିଯାନ ଜୋର୍‌ଦାର ହୋଇଛି । ସଶସ୍ତ୍ର ବାହିନୀ ଜେନେରାଲ୍ କମାଣ୍ଡ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ରୁଷ

ସେନାର ସମର୍ଥନରେ ଆକ୍ରମଣକୁ ଅଧିକ ତୀବ୍ର କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ୪୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଛନ୍ତି । ଆକାଶମାର୍ଗ ଏବଂ ସ୍ଥଳ ଭାଗ ଆକ୍ରମଣରେ ବିଦ୍ରୋହୀଙ୍କ ୫ଟି କମାଣ୍ଡ ସେଣ୍ଟର ଏବଂ ୭ଟି ଅସ୍ତ୍ରଶସ୍ତ୍ର ଭଣ୍ଡାର ଧ୍ୱଂସ ହୋଇଛି ବୋଲି ସିରିଆ ସେନା ପକ୍ଷରୁ ସୂଚନା ଦିଆଯାଇଛି । ବିଭିନ୍ନ ସହର ଏବଂ ଗାଁକୁ ନିଜ ନିୟନ୍ତ୍ରଣକୁ ନେଇଥିବା ସମ୍ପର୍କିତ ବିଦ୍ରୋହୀ ଗୋଷ୍ଠୀର ଘୋଷଣାକୁ ସେନା ବାହିନୀ ଖଣ୍ଡନ କରିବା ସହ ଏହା ଏକ ମିଥ୍ୟା ପ୍ରଚାର ବୋଲି କହିଛି ।

## ଛତିଶଗଡ଼-ମ୍ୟୁନିସପାଲ୍ ଇଲେକ୍ସନ୍

ଛତିଶଗଡ଼ରେ ମହାନଗର ନିଗମ ମେୟର ଏବଂ ସହରାଞ୍ଚଳ ନିଗମର ଅଧ୍ୟକ୍ଷଙ୍କୁ ସିଧାସଳଖ ମତଦାନ ବ୍ୟବସ୍ଥା ମାଧ୍ୟମରେ ନିର୍ବାଚିତ କରାଯିବ । ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ଅଧ୍ୟକ୍ଷତାରେ ଗତକାଲି ରାୟପୁରରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଏଥିପାଇଁ ପରୋକ୍ଷ ବ୍ୟବସ୍ଥା ରହିଥିଲା । କ୍ୟାବିନେଟ୍ ବୈଠକରେ ସହରାଞ୍ଚଳ ଏବଂ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ ୫୦ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥାକୁ  ମଞ୍ଜୁରୀ ପ୍ରଦାନ କରାଯାଇଛି । ଅନ୍ୟାନ୍ୟ ପଛୁଆବର୍ଗ କଲ୍ୟାଣ ଆୟୋଗଙ୍କ ରିପୋର୍ଟ ଆଧାରରେ କ୍ୟାବିନେଟ୍ ଏହି

ନିଷ୍ପତ୍ତି ନେଇଛି । ଏହା ବ୍ୟତୀତ ପର୍ଯ୍ୟଟନ କ୍ଷେତ୍ରକୁ ଶିଳ୍ପର ମାନ୍ୟତା ଦେବାକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିବା ଜଣାପଡ଼ିଛି ।

# ଏନ୍‌ସିସି ଡିଜି

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କ୍ୟାଡେଟ୍‌କୁ ପ୍ରଶିକ୍ଷଣ ଦେବା ପାଇଁ ପାଖାପାଖି ୨୦ ଜଣ ପୂର୍ବତନ ସୈନିକଙ୍କୁ ନିୟୋଜିତ କରାଯିବ । ଏନ୍.ସି.ସି.ର ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ୍ ଗୁର୍‌ବୀର ପାଲ୍ ସିଂହ ଆକାଶବାଣୀ ସମ୍ବାଦ ବିଭାଗକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି, ଏନ୍.ସି.ସି. କ୍ୟାଡେଟ୍‌ମାନେ ଅତ୍ୟନ୍ତ ଉତ୍ସାହର ସହିତ ଅଗ୍ନିବୀର ଯୋଜନାରେ ଅଂଶଗ୍ରହଣ କରୁଛନ୍ତି । ସେନାରେ ଯୋଗଦେବାକୁ ଚାହୁଁଥିବା କ୍ୟାଡେଟ୍‌ମାନଙ୍କୁ ମଧ୍ୟ ଆବଶ୍ୟକତା ଅନୁଯାୟୀ ତାଲିମ୍ ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି । ପ୍ରଶିକ୍ଷଣ ସମୟରେ କ୍ୟାଡେଟ୍‌ମାନଙ୍କୁ ଅଭିନବ ତଥା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସମ୍ପର୍କରେ ଅବଗତ କରାଯାଇଥାଏ । ସେ କହିଛନ୍ତି, ଏନ୍.ସି.ସି. କ୍ୟାଡେଟ୍‌ମାନେ ପରିବେଶ ସୁରକ୍ଷାରେ ଅଂଶଗ୍ରହଣ କରୁଛନ୍ତି । ‘ଏକ୍ ପେଡ୍ ମା’ କେ ନାମ୍’ ଅଭିଯାନରେ ସେମାନେ ଅଧିକ ପରିମାଣରେ ସାମିଲ ହୋଇଛନ୍ତି ବୋଲି ଲେଫ୍ଟନାଣ୍ଟ ଜେନେରାଲ୍ ଶ୍ରୀ ସିଂହ କହିଛନ୍ତି ।

# ରବି ଫସଲ

ଦେଶର ୪୨୮ ଲକ୍ଷ ହେକ୍ଟର ଜମିରେ ରବି ଫସଲ ଚାଷ କରାଯାଉଛି ବୋଲି ସରକାର ସୂଚନା ଦେଇଛନ୍ତି । କୃଷି ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଗତବର୍ଷ ଏହି ସମୟରେ ୧୮୭ ଦଶମିକ୍ ୯/୭ ଲକ୍ଷ ହେକ୍ଟର ଜମିରେ ଗହମ ଚାଷ ହୋଇଥିବା ବେଳେ ଚଳିତ ବର୍ଷ ୨୦୦ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଗହମ ଚାଷ ହୋଇଛି । ସେହିଭଳି ଡାଲି ଚାଷ ମଧ୍ୟ ୧୦୫ ଦଶମିକ ୧/୪ ଲକ୍ଷ ହେକ୍ଟରରୁ ୧୦୮ ଦଶମିକ୍ ୯/୫ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି । ୮୦ ଦଶମିକ୍ ୫/୫ ଲକ୍ଷ ହେକ୍ଟର ଜମିରେ ଚଳିତ ବର୍ଷ ତୈଳବିଜ ଚାଷ କରାଯାଉଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

# ହକି-ଜୁନିୟର ଏସିଆ କପ୍

ପୁରୁଷ ହକି ଜୁନିୟର୍ ଏସିଆକପ୍ ୨୦୨୪ ପ୍ରତିଯୋଗିତାରେ ଆଜି ସେମିଫାଇନାଲ୍‌ରେ ପୂର୍ବଥରର ଚାମ୍ପିୟନ୍ ଭାରତ ମାଲେସିଆକୁ ଭେଟିବ । ଏହି ମ୍ୟାଚ୍ ଓମାନ୍‌ର ମାସ୍କଟ୍ ହକି ଷ୍ଟାଡିୟମ୍ ଠାରେ ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଆରମ୍ଭ ହେବ ।

ଅନ୍ୟ ପକ୍ଷରେ ଆଜି ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ପାକିସ୍ତାନ ଓ ଜାପାନ୍ ମଧ୍ୟରେ ମୁକାବିଲା ହେବ । ଆସନ୍ତାକାଲି ଏହି ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।